ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ସୁବର୍ଣ୍ଣ ମୁଖଶାଳା

ପ୍ରଫୁଲ୍ଲ କୁମାର ଦାସ

ସମଗ୍ର ଭାରତୀୟ ସାହିତ୍ୟ ଆକାଶରେ ଓଡ଼ିଆ ସାହିତ୍ୟର ତୁଳନା ନାହିଁ । ଏ ଜାତି କଲମ ଧରିବାରେ ଯେପରି ସୁଖ୍ୟାତି ଅର୍ଜନ କରିଛନ୍ତି, ସେପରି ବୀର ପାଇକର ରକ୍ତ ରଞ୍ଜିତ ଓ ସାଧବ ପୁଅର ଦୁଃସାହସ ବ୍ୟଞ୍ଜିତ ଇତିହାସ ସତରେ ଅତୁଳନୀୟ । ଯେମିତି ଜ୍ଞାନ ରାଜ୍ୟରେ ବିଜ୍ଞାନ ମହିମ୍ନ ପ୍ରଜ୍ଞାପୁରୁଷ ସାମନ୍ତ ଚନ୍ଦ୍ରଶେଖର ସେମିତି ଦିଗ୍‌ବିଜୟୀ ମହାମେଘ ବାହନ ଐର ଖାରବେଳ ମାନବ ଜାତିର ଇତିହାସରେ ବିରଳ ବ୍ୟକ୍ତିତ୍ୱ । ଏମାନଙ୍କ ଜନ୍ମ ଏ ମାଟି, ପାଣି, ପବନକୁ ଧନ୍ୟ କରିଦେଇଛି । ଧର୍ମ ଧାରାରେ ଜଗତର ନାଥ ଜଗନ୍ନାଥ ବିଶ୍ୱକୁ ବିସ୍ମିତ କରିଛି । ଠିକ୍ ସେହିପରି ମାଟିର ମହାକବି ସାରଳା ଦାସ ହଜାରେ ଭିତରେ ବାରିହୋଇ ପଡିଥାନ୍ତି, ଯାହାଙ୍କର ସାରସ୍ୱତ ସିଦ୍ଧି ପ୍ରତି ମଣିଷ ଜୀବନରେ ଏକାଧିକ ସ୍ମୃତି ଅନୁଭୂତିକୁ ନେଇ ଆଗକୁ ପାଦ ବଢ଼ାଏ । ସେହି ସ୍ଥିତି, ଭିତ୍ତି, ଭାରତୀକୁ ଯିଏ ଶବ୍ଦର ଚାତୁରୀରେ ଏକାଠି ଗୁନ୍ଥି ସୁନ୍ଦର ମାଳାଟିଏ ତିଆରି କରିପାରିଲା, ସେହି ହିଁ ସାହିତ୍ୟ ସାମ୍ରାଜ୍ୟରେ ନିଜକୁ ଜଣେ ବୋଲି ପରିଚିତ କରାଇପାରେ । ସେ ପ୍ରମାଣ କରିଯାଇଛନ୍ତି ସାହିତ୍ୟ ସୃଷ୍ଟି ପାଇଁ କୌଣସି ଡିଗ୍ରୀ ନୁହେଁ, ଆବଶ୍ୟକ ଥାଏ ଏକ ଅମୃତ ଅନୁଭବ, ମନ ଓ ହୃଦୟର ।

ଅପରାହ୍ନର ସୂର୍ଯ୍ୟଙ୍କ କିରଣ ପରି ଯାହାଙ୍କ ସାରସ୍ୱତ ସୃଷ୍ଟି ବୌଦ୍ଧିକ ଦୁନିଆକୁ ଏକ ନୂତନ ଆଭାରେ ଉଦ୍‌ଭାସିତ କରି ଓଡିଆ ବାଣୀ ଭଣ୍ଡାରକୁ ଏପରି ମହାର୍ଘରେ ମଣ୍ଡିତ କରିଯାଇଛନ୍ତି, ତାହା ଯୁଗେ ଯୁଗେ ଜଳଗଙ୍ଗା ହୋଇ ମାଟିରୁ ଆକାଶ ଛୁଇଁଛି । ଫଳରେ ସାରଳା ମହାଭାରତର ଛନ୍ଦେ ଛନ୍ଦେ ଜୀବନାଦର୍ଶର ପ୍ରଭାବ ପରିଲକ୍ଷିତ ହୋଇଛି । ଯାହାର ଗୋଟିଏ ପଂକ୍ତି ଅଟକି ଯିବନି ହଜାରକୁ ନାହିଁ ଭୟ, ହଜାରେ ଭିତରେ ବିନ୍ଦୁଏ ଲୋତକ ହେବ ମୋ ସୃଷ୍ଟିର ଜୟ । ଯାହାଙ୍କ ସୃଷ୍ଟିର ଆଦ୍ୟ ଓଁକାର ସୁଦୀର୍ଘ ୫ ଶହ ବର୍ଷ ପୂର୍ବେ ଓଡିଆ ସାହିତ୍ୟର ସୁବର୍ଣ୍ଣ ମୁଖଶାଳା, ଏ ମାଟିର, ଏ ଜାତିର ମହାକାବ୍ୟ । ଯେଉଁମାନଙ୍କ ଲେଖନୀରେ ଓଡିଆ ସାହିତ୍ୟର ସୁବର୍ଣ୍ଣ ମୁଖଶାଳା କୋଣାର୍କ ଶୈଳୀରେ ଗଢ଼ାଯାଇଛି, ସେମାନଙ୍କ ମଧ୍ୟରୁ ଆଦିକବି ସାରଳା ଦାସ, ଅତିବଡୀ ଜଗନ୍ନାଥ ଦାସ, ଭକ୍ତକବି ମଧୁସୂଦନ ରାଓ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର, ଜାତୀୟ କବି ବୀରକିଶୋର ଦାସ, ଭକ୍ତକବି ଦୀନକୃଷ୍ଣ ଦାସ, ଜୟଦେବ, କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, କବିବର ରାଧାନାଥ ରାୟ, କବିଶେଖର ଚିନ୍ତାମଣି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସ୍ୱଭାବ କବି ଗଙ୍ଗାଧର ମେହେର, ସନ୍ଥକବି ଭୀମ ଭୋଇ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖଙ୍କ ଭୂମିକା ବିଶେଷ ପ୍ରଣିଧାନଯୋଗ୍ୟ ।

ଆଧୁନିକ କାବ୍ୟ ଚେତନାର ବୟୋଜ୍ୟେଷ୍ଠ କବି ସଚ୍ଚିଦାନନ୍ଦ ରାଉତରାୟ, ପଣ୍ଡିତ ନୀଳକଂଠ ଦାସ, ବିଶିଷ୍ଟ ପ୍ରଗତିଶୀଳ କବି ଅନନ୍ତ ପଟ୍ଟନାୟକ, କଥା ସମ୍ରାଟ୍ ଫକୀର ମୋହନ ସେନାପତି, କଥାଶିଳ୍ପୀ ଗୋପୀନାଥ ମହାନ୍ତି, ପ୍ରତିଭାଦୀପ୍ତ ପ୍ରତିଭା ରାୟ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ

ସାରସ୍ୱତ ଅବଦାନ ଓଡ଼ିଆ ସାହିତ୍ୟ ମୁଖଶାଳାର ଶ୍ରୀମନ୍ଦିର ସଦୃଶ ଅତୀବ ଆକର୍ଷଣୀୟ । ''ଉଠଗୋ, ଦୁଃଖିନୀ ଉତ୍କଳ ଜନନୀ ପାଇଛି ବିଶାଦ ଯାମିନୀ ତବ, ଉଠି ଦେଖ ନଭେ ନବ ଦିନ ମିଶି ଶୁଣ ସୁପ୍ରଭାତେ ବିହଙ୍ଗ ରବ । ନବୀନ ଚେତନେ ନବୀନ ଉଦ୍ୟମେ ଜାଗି ଉଠିଛନ୍ତି ଜଗତେ ଜନ, କିମ୍ପାଇ କହଗୋ ପ୍ରିୟ ମାତୃଭୂମି ଅଛୁ ଅବସାଦ ନିଦ୍ରା ମଗନ'' । ଶବ୍ଦ ଗୁଚ୍ଛା କବି, ଲେଖକ ନ ହୋଇ ଭାବ ଗୁଚ୍ଛା କବି ଲେଖକ ହେଲେ, ନିଜେ ନ ଭିଜି ପାଠକ ଭିଜିବା ଉଚିତ । ବାସ୍ତବିକ ଓଡ଼ିଆ ଅସ୍ମିତାର ଉତ୍ତୁଙ୍ଗ ଜାତିପ୍ରାଣ, ଭାଷା ପ୍ରାଣ ଭାବରେ ଯେଉଁମାନେ ସାହିତ୍ୟର କୋଣାର୍କ ଗଢ଼ିଛନ୍ତି ସେମାନେ ଏ ମାଟିର ଚିର ସ୍ମରଣୀୟ ଓ ଚିର ବନ୍ଦନୀୟ । ଓଡ଼ିଆ ସାହିତ୍ୟ ଇତିହାସ ମୁଖଶାଳାରେ ଏ ସୁବର୍ଣ୍ଣ ଆଲେଖ୍ୟଟିର ମହତ୍ତ୍ୱ ପ୍ରତିପାଦିତ ହେବା ଦରକାର । ବିଶ୍ୱ ବନ୍ଦିତ ସାହିତ୍ୟରଥିଙ୍କ ମଧ୍ୟରେ ସାରଳା ଦାସଙ୍କୁ ପରିଗଣିତ କରାଯାଏ । କଳିଙ୍ଗର ଖାରବେଳ ଓ ଉତ୍କଳର କପିଳେନ୍ଦ୍ରଦେବ ଯେଭଳି ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ, ସେହିଭଳି ଓଡ଼ିଶାର ସାରସ୍ୱତ ସୂର୍ଯ୍ୟ ସାରଳା ଦାସଙ୍କ ମହାଭାରତ ବିଶାଳ ସାରସ୍ୱତ ସାମ୍ରାଜ୍ୟର ସୁବର୍ଣ୍ଣ ମୁଖଶାଳା । ଶତାବ୍ଦୀ ଶତାବ୍ଦୀ ପରେ ଆଜି ଭାବିଲେ ବିସ୍ମିତ ହେବାକୁ ପଡେ । ସବୁ କାଳ ପାଇଁ ସେ ଓଡ଼ିଆ ସାହିତ୍ୟର ଉତ୍ସ । ଯେକୌଣସି ଓଡ଼ିଆ ସାରଳା ଦାସଙ୍କୁ ନ ପଢ଼ିଲେ ଭାଷା ଶିକ୍ଷା ସଂପୂର୍ଣ୍ଣ ହେବ ନାହିଁ । ଇତିହାସ ଓ ସାହିତ୍ୟ ସେଇମାନଙ୍କ ଗାଥା ଗାଏ, ଯେଉଁମାନେ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ପାଇଁ ସାଧନା ଓ ସଂଗ୍ରାମ କରିଥାନ୍ତି । ଯେମିତି କୋଣାର୍କ ଓ ଶ୍ରୀମନ୍ଦିରର ପ୍ରତିଶିଳା ଖଣ୍ଡ ଅଦ୍ଭୁତ, ଠିକ୍ ସେମିତି ସାହିତ୍ୟ ମୁଖଶାଳାର ପ୍ରତିଟି ଅକ୍ଷର ।

ଆଜି ଓଡ଼ିଶାର ଗୌରବମୟ ଇତିହାସ ଓ ବୀର ଓଡ଼ିଆ ଜାତିର ମାନ ମର୍ଯ୍ୟାଦା କ୍ଷୁଣ୍ଣ ହୋଇଯାଉଥିବା ବେଳେ ପଣ୍ଡିତ ଗୋଦାବରୀଶ ମହାପାତ୍ର ''ଉଠ କଙ୍କାଳ'' କବିତା ରଚନା କରି ଓଡ଼ିଶାର ହୃତ ଗୌରବ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ । ଯାହାର ସୁମଧୁର ସମୀରଣ ଗାଏ ଓଡ଼ିଆଙ୍କ ଗରିମା । ଇଏ ତ ଆମର ଏକା ମୁଖଶାଳା ମହିମା । ଜୋଛନାର ରୁଣୁଝୁଣୁ ଭରିଦିଏ ପୁଲକ, ଇଏତ କେବଳ ଆମ ଓଡ଼ିଶାର ମହକ । ଉତ୍କଳ ବ୍ୟାସ ସାରଳା ଦାସ ତାଙ୍କ ମହାଭାରତ ଏଇ ଜାତିର କଳା କୋଣାର୍କ । ଯେଉଁଠି ''ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ଓ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ'' ଇଏ ସେହି ମୁଖଶାଳା । ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିରାଣୀ ବୈତରଣୀରେ ଅନେକ ପାଣି ବୋହି ଗଲାଣି, ବିତି ଗଲାଣି ୫ଶହ ବର୍ଷ । ଓଡ଼ିଆ ସାହିତ୍ୟ ମୁଖଶାଳାର ସ୍ୱର୍ଣ୍ଣିମ କଥା ଗାଥା ଆଜି ସ୍ମୃତି ମୁହାଁ । ତଥାପି ଏ ବୀର ମାଟିର ସୃଜନ କଳାର କାନ୍‌ଭାସ୍ ଯେଉଁଠି ଛୁଇଁଥିଲା ଏ ଭାଷାର ପ୍ରଥମ ଚୁମ୍ବନ, ପବିତ୍ର ଓଁକାର ଶବ୍ଦରେ ସାହିତ୍ୟିକ ମୁଖଶାଳା ଯୁଗ ଯୁଗ ପାଇଁ ।

୩୫୦ ବର୍ଷର ଓଡ଼ିଆ ରୀତି ସାହିତ୍ୟ ସରଣୀରେ ଶବ୍ଦବେଦୀ କବି ଯଦୁମଣି ମହାପାତ୍ର ଏକ ବିସ୍ମୟୋଦ୍ଦୀପକ ଭୂମି ମନନଶୀଳ ଜୀବନାନନ୍ଦ ଶବ୍ଦ ଶିଳ୍ପୀ । ଯିଏ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରାପ୍ତ ଓଡ଼ିଆ ଭାଷାର ଏକ ସାରସ୍ୱତ ଅସ୍ମିତା ଗତ ସ୍ୱର୍ଣ୍ଣିମ ପ୍ରତୀକ । ମୁଖଶାଳା ହସଫୁଲର ଉପବନରେ ସେ ଚିରକାଳ ହାସ୍ୟରସର ଅଧିକାରୀ । ଓଡ଼ିଆ ସାହିତ୍ୟ ମୁଖଶାଳାର ଅନ୍ୟତମ ବିଭବ ଓଡ଼ିଆ ଭାଗବତର କାଳଜୟୀ ପ୍ରଭାବ ଡଃ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅମଳିନ କୃତୀ ମାଟିର ମଣିଷ, ଡଃ କୃଶନନ୍ଦଙ୍କ ମଲା ମଣିଷର ଲୁହାର ଆଖି ଓ ଏହି ଲେଖକଙ୍କ ମାଟି ଓ ମଣିଷ ଆମ ସାହିତ୍ୟିକ ଭାବ ଗୌରବକୁ ଊର୍ଜସ୍ୱଳ କରିଛି । ଡଃ ମାୟାଧର ମାନସିଂହ, ଡଃ ବନମାଳୀ ରଥ, ଡଃ ଅଜୟ ମିଶ୍ର, ଡଃ କୁଳମଣି ରାଉତ, ଡଃ ବୃନ୍ଦାବନ ଆଚାର୍ଯ୍ୟ, ଡଃ ଦାସରଥି ଦାସ, ଡଃ ଅସିତ୍ କବି, ଡଃ ନିତ୍ୟାନନ୍ଦ ଶତ୍‌ପଥୀ, ଡଃ ନଟବର ସାମନ୍ତରାୟ, ଡଃ ବୈଷ୍ଣବ ଚରଣ ସାମଲ, ଡଃ ବଂଶୀଧର ମହାନ୍ତି, କଥା ସମ୍ରାଟ୍ ସୁରେନ୍ଦ୍ର ମହାନ୍ତି, ଅଧ୍ୟାପକ ଗୌରୀ କୁମାର ବ୍ରହ୍ମାଙ୍କ ସାହିତ୍ୟ ଚେତନାକୁ ପ୍ରଖ୍ୟାପନ କରି ଓଡ଼ିଆ ସାହିତ୍ୟ ଯେ ସାରସ୍ୱତ ଶୋଭା ସୌନ୍ଦର୍ଯ୍ୟରେ ମହନୀୟ ହୋଇପାରିଛି, ଏହା ନିଃସନ୍ଦେହରେ କୁହାଯାଇପାରେ । ଓଡ଼ିଆ ଗଦ୍ୟ ସାହିତ୍ୟର

ଜନକ ଫକୀର ମୋହନଙ୍କ କାହାଣୀ ଓଡିଆ ସାହିତ୍ୟର ପୁନଃଭ୍ୟୁଦୟର କାହାଣୀ ତାଙ୍କୁ ଓଡିଶାର ଥୋମାସ୍ ହାର୍ଡି ବୋଲି କୁହାଯାଏ । ''ସାଧବ ପୁଅର ବୋଇତ ବନ୍ଦାଣ ଓଡିଆର ଇତିହାସ ଯାଉଥିଲେ ଦିନେ ଦୂରବିଦେଶକୁ ଫୁଟାଇ ମୁହଁରେ ହସ'' । ପଣ୍ଡିତ ନୀଳକଣ୍ଠଙ୍କ ସ୍ରଷ୍ଟା ମାନସର କାଳଜୟୀ ସୃଷ୍ଟି କୋଣାର୍କେ କାବ୍ୟ ହେଉଛି ସତ୍ୟବାଦୀ ଯୁଗର ସର୍ବଶ୍ରେଷ୍ଠ ସାରସ୍ୱତ ବିଭବ । ଐତିହାସିକ ପୃଷ୍ଠ ଭୂମିରେ ଓଡିଶୀ ନୃତ୍ୟ ଗିରି ଝରଣାର କୁଳୁକୁଳୁ ନାଦରେ, ଆକାଶର ତାରା ମେଳରେ, ଗୁରୁ ଗଜେନ୍ଦ୍ର ପଣ୍ଡା, ସୁଜାତା ମିଶ୍ର, ଗୌରୀ ଶଙ୍କର ତ୍ରିପାଠୀ ପ୍ରମୁଖର ଛନ୍ଦଲାସ୍ୟରେ ଛନ୍ଦିହୋଇ ସୋପାନ ପରେ ସୋପାନ ଅତିକ୍ରମ କରି ବିଶ୍ୱରେ ଲାଳିତ ପୂର୍ଣ୍ଣ ନୃତ୍ୟ ଭାବରେ ପରିଚିତ ହୋଇଛି । ''ସହିଯାଅ ତୁମେ ପରବତ ପରି କୁହୁଡି, କାକର, ଖରା, ଯିଏ ଯେତେ ସହେ ସେତେବଡ ହୁଏ ନ ଗଡାଅ ଲୁହର ଧାରା'' । ଓଡିଆ ହେଉଛି ଭାରତର ଏକମାତ୍ର ଭାଷା । ଏହା ଯେପରି ଉଚ୍ଚାରିତ ହୁଏ ସେହିପରି ଲେଖାଯାଏ । ଓଡିଆ ସାହିତ୍ୟରେ ପ୍ରଚୁର ପରିମାଣରେ ରସର ନିର୍ଝରଣୀ ବହିଯାଇଛି । ଫଳରେ ସାହିତ୍ୟ ମୁଖଶାଳାର ସାରସ୍ୱତ ତୁଙ୍ଗିମାଙ୍କୁ ବରଂ ବଢ଼ାଇଛି ଛଡାଇନି । କଳା ଜଗତର ବିଶ୍ୱ ବିସ୍ମୟ କୋଣାର୍କ ଅନୁରୂପ ଆମର ଅସଂଖ୍ୟ କାବ୍ୟ କୋଣାର୍କ ଆମ କବି ଲେଖକଙ୍କର ତଲ୍ଲୀନ ବିଭୋର ପଣିଆ ସାହିତ୍ୟ କଳ୍ପନା ବିଳାସର ଶିଖରକୁ ଛୁଇଁଛି ।

ଓଡିଆ ମମତା ମଞ୍ଜୁଳ ଭାଷା । ଓଡିଆ ସାହିତ୍ୟ ତାଳପତ୍ର ପୋଥିରୁ ଆରମ୍ଭ ହୋଇ ଆଜିର ସାରସ୍ୱତ ସୌନ୍ଦର୍ଯ୍ୟର ପରିଭାଷା ପାଲଟିଛି । ଏହା କହିଲେ ଅତିରଞ୍ଜିତ ହେବ ନାହିଁ ଯେ, ଓଡିଆ ଲୋକଙ୍କ ଜୀବନର ପ୍ରତ୍ୟେକ ସ୍ତର ଅତ୍ୟଧିକ ଭାବେ ଉଚ୍ଚକୋଟୀର ସୃଜନାତ୍ମକ ସମ୍ବେଦନଶୀଳତାର ପରିଚୟ ପ୍ରଦାନ କରି ସର୍ବଭାରତୀୟ ସାହିତ୍ୟର ମୁଖ୍ୟସ୍ରୋତ ମଧ୍ୟରେ ଯୁଗ ଯୁଗ ଧରି ତା'ର ସ୍ୱକୀୟ ସାହିତ୍ୟିକ ମୁଖଶାଳା ନିର୍ମାଣ କରିପାରିଛି । ଏଇ ଲେଖକଙ୍କ ''ଓଡିଶାର ଐତିହ୍ୟ ଓ ଇତିହାସ ଅଧ୍ୟୟନ କଲେ ସୁଦୀର୍ଘ ଐତିହାସିକ କ୍ରମ ପରିଣାମର ସତ୍ୟାସତ୍ୟ ମିଳିପାରିବ । ପ୍ରାଗ୍ ସାରଳା ଯୁଗରୁ ସାରଳା ଯୁଗ, ପଂଚସଖା ଯୁଗ, ରୀତି ଯୁଗ, ଆଧୁନିକ ଯୁଗ, ସବୁଜ ଯୁଗ, ସଂପ୍ରତିକ ଯୁଗ ଓ ଅତ୍ୟାଧୁନିକ ଯୁଗରେ କାବ୍ୟ, କବିତା, ପ୍ରବନ୍ଧ, ଗଳ୍ପ, ରମ୍ୟ ରଚନା, ନାଟକ, ଗୀତିନାଟ୍ୟ, ଉପନ୍ୟାସ, କ୍ଷୁଦ୍ର ଗଳ୍ପ, ଅଣୁଗଳ୍ପ ପ୍ରଭୃତି ଓଡିଆ ସାହିତ୍ୟ ମୁଖଶାଳାକୁ ବୈଚିତ୍ର୍ୟମୟ କରିଛି । ଫଳରେ ସାହିତ୍ୟ ସମାଜର ସର୍ବକାଳୀନ ଦର୍ପଣ ପାଲଟିଛି । ଓଡିଆ ସାହିତ୍ୟର ହାସ୍ୟମୟ ଶୋଭାରାଜି, ସାରସ୍ୱତ ନୃତ୍ୟ ସଂଗୀତର ମାଧୁରିମାରେ ଦୂରଦୃଷ୍ଟିସମ୍ପନ୍ନ ଲେଖକ ଗବେଷକମାନେ ବିଶ୍ୱ ଦରବାରରେ ଓଡିଶାର ଉତ୍କର୍ଷ ପ୍ରତିପାଦନ କରିପାରିଛନ୍ତି । ଓଡିଆ ସାହିତ୍ୟର ସୁବର୍ଣ୍ଣ ମୁଖଶାଳା ସାହିତ୍ୟ ଇତିହାସର ବୈଚିତ୍ର୍ୟମୟ ମୁଖଶାଳା ।

ଓଡିଆ ଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷା । ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ରାଜ୍ୟ ସରକାର ସଂସ୍କୃତି ବିଭାଗକୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନାମରେ ନାମିତ କରିଛନ୍ତି । ପଂଚସଖାଙ୍କ ସ୍ମୃତିରେ ସତ୍ୟବାଦୀଠାରେ ଓଡିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି । ଇଲୋକ୍ଟ୍ରୋନିକ୍ ଓ ସୂଚନ ପ୍ରଯୁକ୍ତିବିଦ୍ୟା ଉପଯୋଗ କରି ବିରଳ ଓ କାଳଜୟୀ ଓଡିଆ ପୁସ୍ତକଗୁଡିକର ଡିଜିଟାଇଜେସନ୍ ସହିତ ଓଡିଆ ଭାଷା ଏବଂ ସାହିତ୍ୟକୁ ବିଶ୍ୱବ୍ୟାପୀ କରିବା ଲକ୍ଷ୍ୟରେ ଓଡିଆ ଭର୍ଚୁଆଲ୍ ଏକାଡେମୀ ପ୍ରତିଷ୍ଠା କରାଯାଇଛି । କଳାଭୂମି ଓଡିଶାର କୁଶଳୀ ହାତ ଭାରତର ଆତ୍ମା କରେ ଆଲୋକିତ । ଓଡିଆ ଭାଷା ସାହିତ୍ୟରେ ଉଚ୍ଚତର ଗବେଷଣା ପାଇଁ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଆଦି କବି ସାରଳା ଦାସ ଚେୟାର୍ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଚେୟାର୍ ପ୍ରତିଷ୍ଠା କରାଯାଇଛି । ଓଡିଆ ସାହିତ୍ୟ ବାଟିକାରେ ଆଭିଜାତ୍ୟ ଓ ଗାଉଁଲି ଫୁଲଚାରା ସୃଷ୍ଟି କରିପାରିଲେ ତାହା କାଳ କାଳ ଲାଗି ଅଧିକ ଆକର୍ଷଣୀୟ ଓ ସୌରଭ ବିତରଣକାରୀ ହେବ, ଏଥିରେ ଦ୍ୱିମତ ନାହିଁ ।

ସମ୍ପାଦକ
ଗୋପବନ୍ଧୁ ସାହିତ୍ୟ ସଂସଦ
ଚାନ୍ଦବାଲି, ଭଦ୍ରକ